# ଓଡ଼ିଶା ସିଭିଲ ଲିବର୍ଟି ଫୋରମ (ଓ.ସି.ଏଲ୍.ଏଫ୍) (Regd.)

୯୨, ଗୌତମ ନଗର, ଭୁବନେଶ୍ୱର - ୭୫୧୦୧୪, ଓଡ଼ିଶା

ଫୋନ - ୦-୯୪୩୭୦୦୭୦୦୭, ୦-୯୪୩୮୦୦୭୦୦୭, ୦-୯୮୬୮୫୦୧୪୭୨ (ଦିଲ୍ଲୀ)


## ମାନ୍ୟବର ସୁପ୍ରିମ କୋର୍ଟ ଦେଇଥିବା ଗିରଫ ସମ୍ପର୍କୀୟ ନିର୍ଦ୍ଦେଶାବଳୀ :

୧. ଯେଉଁ ପୁଲିସ୍ କର୍ମଚାରୀମାନେ ଗିରଫ ବା ପରିପ୍ରଶ୍ନ କାର୍ଯ୍ୟ କରିବେ, ସେମାନେ ସେମାନଙ୍କର ନାମ ସହିତ ପଦବୀ ନିର୍ଭୁଲ ଓ ସ୍ପଷ୍ଟ ଭାବରେ ସୁଦୃଶ୍ୟ ସ୍ଥାନରେ ଲଗାଇବେ । ସେମାନେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପ୍ରଶ୍ନ କଲାବେଳେ ସେ ବିଷୟରେ ସବିଶେଷ ତଥ୍ୟ ଡ଼ାଏରୀରେ ଉଲ୍ଲେଖ କରିବେ ।

୨. ପୁଲିସ୍ କର୍ମଚାରୀମାନେ କୌଣସି ଲୋକଙ୍କୁ ଗିରଫ କଲାବେଳେ ଗିରଫ ଜ୍ଞାପକ ସୂଚୀ ପ୍ରସ୍ତୁତ କରିବେ ଏବଂ ତାହା ଅନ୍ୟୁନ ଜଣେ ସାକ୍ଷୀଙ୍କ ଦ୍ୱାରା ତସଦିକ କରାଯିବ । ସେହି ଲୋକ ଗିରଫ ହୋଇଥିବା ବ୍ୟକ୍ତିର ପରିବାରର ଜଣେ ସଦସ୍ୟ ହୋଇଥିବେ କିମ୍ବା ଗିରଫ ହେଉଥିବା ବ୍ୟକ୍ତିଙ୍କ ଅଞ୍ଚଳର ଜଣେ ସମ୍ମାନସ୍ପଦ ବ୍ୟକ୍ତି ହୋଇଥିବେ । ଗିରଫ ସମୟରେ ପ୍ରସ୍ତୁତି ହୋଇଥିବା ଜ୍ଞାପକରେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ସ୍ୱାକ୍ଷର ସହିତ ଗିରଫ ସମୟ ଓ ତାରିଖ ଉଲ୍ଲେଖ ରହିବ ।

୩. କୌଣସି ବ୍ୟକ୍ତିଙ୍କୁ ଗିରଫ କଲାବେଳେ ବା ଅଟକ ରଖିଲାବେଳେ କିମ୍ବା ଥାନାରେ ହେପାଜତରେ ବା ପରିପ୍ରଶ୍ନ କେନ୍ଦ୍ରରେ କିମ୍ବା ଅନ୍ୟ କୌଣସି ହାଜତରେ ରଖିଲାବେଳେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ଜଣେ ବନ୍ଧୁ, ସମ୍ପର୍କୀୟ କିମ୍ବା ପରିଚିତ ଲୋକ ଯିଏ କି ଗିରଫ ହୋଇଥିବା ବ୍ୟକ୍ତିଙ୍କର ହିତାକଂକ୍ଷୀ, ହୋଇଥିବେ ସେମାନଙ୍କୁ ଗିରଫ ହୋଇଥିବା ବ୍ୟକ୍ତିଙ୍କର ଗିରଫ ଏବଂ ଅଟକି ଥିବା ସ୍ଥାନ ବିଷୟରେ ସୂଚନା ଦିଆଯିବ ।

୪. ଗିରଫ ହୋଇଥିବା ବ୍ୟକ୍ତିଙ୍କର ଗିରଫ ବିଷୟ, ସମୟ, ସ୍ଥାନ ଏବଂ ହେପାଜତ ର ସ୍ଥାନ ପୋଲିସ୍‌ଙ୍କ ଦ୍ୱାରା ଅଧିସୂଚିତ ହେବ । ଯେଉଁଠାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ନିକଟ ସଂପର୍କୀୟ ବନ୍ଧୁ କିମ୍ବା ସମ୍ପର୍କୀୟ ଯଦି ନିଜ ଜିଲ୍ଲା କିମ୍ବା ସହର ବାହାରେ ରହୁଥିବେ ଏହି ଖବର ଗିରଫ ହେବାର ୮ରୁ ୧୨ ଘଣ୍ଟା ମଧରେ ବେତାର ମାଧମରେ ଜିଲ୍ଲା ନ୍ୟାୟ ସହାୟକ, ସଂସ୍ଥା କିମ୍ବା ସଂପୃକ୍ତ ଥାନାକୁ ଜଣାଇ ଦିଆଯିବ ।

୫. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ନିଜର ଗିରଫ ସମ୍ବନ୍ଧରେ ତାଙ୍କର ସମ୍ପର୍କୀୟଙ୍କୁ ସୂଚନା ଦେବାର ଅଧିକାର ତାଙ୍କର ଥିବା ସମ୍ପର୍କରେ ତାଙ୍କୁ ଜଣାଇ ଦେବାକୁ ପଡ଼ିବ ।

୬. ଗିରଫ ହୋଇଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ଗିରଫ ହୋଇଥିବା ସ୍ଥାନରେ ରୋଜିନାମାରେ ଉଲ୍ଲେଖ ରହିବ । ସେହି ରୋଜିନାମାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ନିକଟ ସମ୍ପର୍କୀୟଙ୍କ ବନ୍ଧୁ ଯାହାକୁ ଏହି ବିଷୟରେ ସୂଚନା ଦିଆଯାଇଛି, ଗିରଫ କରିଥିବା ପୁଲିସ କର୍ମଚାରୀଙ୍କ ନାମ ଓ ଯେଉଁମାନଙ୍କ ହେପାଜତରେ ସଂପୃକ୍ତ ଗିରଫ ବ୍ୟକ୍ତିଙ୍କୁ ରଖାଯାଇଅଛି, ସେମାନଙ୍କ ବିବରଣୀ ଉଲ୍ଲେଖ ରହିବ ।

୭. ଗିରଫ ହୋଇଥିବା ବ୍ୟକ୍ତି ଯଦି ଅନୁରୋଧ କରିବେ, ତାଙ୍କୁ ସେହି ଗିରଫ ସ୍ଥାନରେ ଡ଼ାକ୍ତରୀ ପରୀକ୍ଷା କରାଯିବ । ଯଦି ଗିରଫ ବ୍ୟକ୍ତିଙ୍କ ଶରୀରରେ ଗୁରୁତ୍ୱର କିମ୍ବା ସାମାନ୍ୟ ଆଘାତ ଥିବ, ତାହା ସେହି ସ୍ଥାନରେ ସେହି ସମୟରେ ଉଲ୍ଲେଖ କରାଯିବ । ଏ ସମ୍ବନ୍ଧରେ ଏକ "ନିରୀକ୍ଷକ ଜ୍ଞାପକ" ପ୍ରସ୍ତୁତ କରାଯାଇ ସଂପୃକ୍ତ ଗିରଫ ବ୍ୟକ୍ତି ଓ ପୋଲିସ୍ କର୍ମଚାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଏକକିତା ନକଲ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଦିଆଯିବ ।

୮. ଗିରଫ ହୋଇ ଅଟକ ଥିବା ସମୟରେ ପ୍ରତି ୪୮ ଘଣ୍ଟାରେ ସଂପୃକ୍ତ ରାଜ୍ୟର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦିତ ହୋଇ ତାଲିକାଭୁକ୍ତ ହୋଇଥିବା ଜଣେ ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବେ ।

୯. ଗିରଫ ହୋଇଥିବା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯଥା ଗିରଫ ଜ୍ଞାପକ ଇତ୍ୟାଦି ସଂପୃକ୍ତ ଅଞ୍ଚଳ ମାଜିଷ୍ଟ୍ରେଟଙ୍କ ପାଖକୁ ନଥିଭୁକ୍ତ କରିବା ପାଇଁ ପଠାଯିବ ।

୧୦. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପରିପ୍ରଶ୍ନ ସମୟରେ ତାଙ୍କର ଓକିଲଙ୍କୁ ସାକ୍ଷାତ ତଥା ପରାମର୍ଶ ପାଇଁ ଅନୁମତି ଦିଆଯିବ ।


# ODISHA CIVIL LIBERTY FORUM (OCLF) (Regd.)

92, Gautam Nagar, Bhubaneswar - 751014, Odisha

Ph. : 91-9437007007, 9438007007, National Office : 91-9868501472 (Delhi)


## HON'BLE SUPREME COURT'S SPECIFIED " REQUIREMENTS" IN CASE OF ARREST OR DETENTION.

1. The Police personnel carrying out the arrest and handling interrogation of the arrestee should bear accurate, visible and clear IDENTIFICATION and NAME - TAGS with their DESIGNATION and this should be recorded in a register.
2. The said police personnel shall prepare a MEMO OF ARREST at the time of arrest having ATTESTATION of a family member or a respectable person of the locality. It shall be COUNTERSIGNED by the arrestee and shall contain DATE & TIME of arrest.
3. A friend or relative of the arrestee shall be informed as soon as practicable about the details.
4. Arrest details shall be telegraphically COMMUNICATED through the LEGAL AID ORGANIZATION to friends and relatives within 8-12 HOURS if they happen to stay out side the concerned district.
5. Arrestee should be informed about his RIGHTS to inform someone about it.
6. There should be DIARY ENTRY of the arrest details including personnel in charge of custody.
7. The arrestee has the right to MEDICAL EXAMINATION and to obtain a copy of the "INSPECTION MEMO" duly signed by him / her and the arresting police officer.
8. An empaneled DOCTOR should medically examine the arrestee EVERY 48 HOURS.
9. COPIES of all the documents including the Memo of arrest, referred to above should be sent to the ILLAQA MAGISTRATE for his record.
10. Arrestee may be permitted to meet his LAWYER during interrogation.